

# କୋଭିଡ୍ -୧୯

## ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ଉପାୟ

## କୋଭିଡ୍ ସାରଥିମାନଙ୍କ ପାଇଁ

# ଯୁବ ସ୍ୱେଚ୍ଛାସେବୀ ମାନଙ୍କର ଭୂମିକା

# କୋଭିଡ-୧୯ କାର୍ଯ୍ୟକର୍ମର ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ସାମାଜିକ ଅନ୍ତର୍ଭୁକ୍ତତାକୁ ପ୍ରୋତ୍ସାହିନ ଦିଗରେ ଯୁବ ସ୍ୱେଚ୍ଛାସେବୀ ମାନଙ୍କର ଭୂମିକା

୧

ବିପଦଶଙ୍କୁଳ ପରିସ୍ଥିତିରେ ବା ଅବସ୍ଥାରେ ରହୁଥିବା ଲୋକମାନଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରନ୍ତୁ

୨

ସଠିକ ସୂଚନା ବଣ୍ଟନ ଏବଂ ଅପବାଦ (Stigma) ଚିହ୍ନଟ କରନ୍ତୁ

୩

ରିଲିଫ କାର୍ଯ୍ୟକ୍ରମ/ରିଲିଫ ପ୍ରୟାସ ପାଇଁ ସ୍ଥାନୀୟ ଅନୁଷ୍ଠାନ ଏବଂ ମଞ୍ଚ ସହ ଯୋଗାଯୋଗ କରନ୍ତୁ

୪

ମହିଳା ଏବଂ ଶିଶୁମାନଙ୍କ ପ୍ରତି ଘଟୁଥିବା ହିଂସା ଏବଂ କ୍ଷତିପୂର୍ଣ୍ଣ ଅଭ୍ୟାସ ଗୁଡିକୁ ପ୍ରତିରୋଧ/ନିବାରଣ କରନ୍ତୁ

# ବିପଦ ସଂକୁଳ ଅବସ୍ଥାରେ ଥିବା ଲୋକମାନଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ :-

ଶାନ୍ତି ଦେବୀ ୭୦ ବର୍ଷ ବୟସ୍କ ବୃଦ୍ଧା ଏକାକୀ ମଧ୍ୟପ୍ରଦେଶର ରାଜଗଡ ଜିଲ୍ଲାର ବାଂଶଖେଡା ଗ୍ରାମରେ ରୁହନ୍ତି। ତାଙ୍କ ସ୍ୱାମୀ ୫ ବର୍ଷ ପୂର୍ବରୁ ମୃତୁବରଣ କରିଯାଇଛନ୍ତି। ତାଙ୍କର ରୋଜଗାରର କୌଣସିମାଧ୍ୟମ ନଥିଲା, ସେ ତାଙ୍କ ଝିଅ ବର୍ଷା ପଠାଉଥିବା ମାସିକ ଟଙ୍କା ଉପରେ ନିର୍ଭର କରି ଚଳୁଥିଲେ। ଯିଏକି ଗୁରୁଗାଁଓରେ ରୋଷେୟା ଭାବରେ କାମ କରୁଥିଲା   ଏହି ନାକାବନ୍ଧୀ ସମୟରେ ବର୍ଷା ତାର ଚାକିରୀ ହରାଇଛି ଓ ବର୍ତ୍ତମାନ  ଘରକୁ ଟଙ୍କା ପାଇବାକୁ ଅକ୍ଷମ ଅଟେ। ଯାହାଫଳରେ ଶାନ୍ତିଦେବୀଙ୍କ ପାଖରେ ଦୁଇ ସପ୍ତାହରୁ ଅଧିକ ଖାଦ୍ୟ ମହଜୁଦ ନାହିଁ

୨୫ ବର୍ଷୀୟ ସରିଫ ଚେନ୍ନାଇର ଏକ ଫ୍ୟାକ୍ଟରିରେ କାମ କରେ। ଯେତେବେଳେ ନାକାବନ୍ଧୀ ଘୋଷଣା ହେଲା, ସେହି ଫ୍ୟାକ୍ଟରି ବନ୍ଧ ହେଇଗଲା। କାମରୁ ବଞ୍ଚିତ ହେବା କଥା ସରିଫକୁ ସୂଚନା ଦିଆଗଲା। ଯେତେବେଳେ ତା ପାଖରେ ଖାଦ୍ୟ ସରିବାକୁ ଲାଗିଲା ସେ ସାହାଯ୍ୟ ପାଇଁ ପୁଲିସକୁ ଯୋଗାଯୋଗ କରିବାକୁ ଚେଷ୍ଟା କଲା। କିନ୍ତୁ କେହି ଜଣେ ବି ଲୋକ ପୁଲିସଷ୍ଟେଶନରେ ତାକୁ ବୁଝିଲେ ନାହି।

ମାଲତୀ ଏବଂ ତାର ସ୍ୱାମୀ ଯେଉଁମାନଙ୍କ ସଫେଇ କର୍ମୀଭାବେ କାମ କରନ୍ତି। ସେମାନେ ସେମାନଙ୍କର ଚାକିରୀ ହରେଇବା ପରେ ମଧ୍ୟପ୍ରଦେଶରେ ଥିବା ନିଜ ସହରକୁ ଫେରି ଆସିଛନ୍ତି। ସେମାନେ ପୁରାମାସରେ ମଜୁରୀ ପାଇନଥିଲେ ଓ ସେମାନଙ୍କ ଠାରେ କୌଣସି ସଞ୍ଚୟ ମଧ୍ୟ ନ ଥିଲା। ସେମାନେ ବର୍ତମାନ ସଙ୍ଗରୋଧରେ ସମୟ କାଟୁଛନ୍ତି।

ଯୁବ ସ୍ୱେଚ୍ଛାସେବୀ ଭାବରେ କିପରି ସାହାଯ୍ୟ କରିପାରିବେ?

୧। ସ୍ୱେଚ୍ଛାସେବୀ ମାନେ ସ୍ଥାନୀୟ ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଏବଂ ପଞ୍ଚାୟତରେ ଯେଉଁମାନେ ସର୍ବାଧିକ ଦୁର୍ବଳ/ଶୋଚନୀୟ ଅବସ୍ଥା, ସ୍ୱାସ୍ଥ୍ୟଗତ ବିପଦ, ଏବଂ ସାମାଜିକ-ଆର୍ଥିକ ସଙ୍କଟାବସ୍ଥାରେ ଥିବା ବ୍ୟକ୍ତି ବିଶେଷ୍ୟ/ପରିବାର ସମୂହ, ଯେଉଁମାନଙ୍କର ଖାଦ୍ୟ ସାମଗ୍ରୀ ସରିଯାଇଥିବ/ଖୁବ ଶୀଘ୍ର ସରିଯିବାକୁ ଥିବ ସେମାନଙ୍କର ତାଲିକା କରିବା ନିମନ୍ତେ ନିଯୋଜିତ ହେବେ।

୨। ସେହିତାଲିକାରେ ଯେଉଁମାନେ ବିକଳାଙ୍ଗ , ବୟସ୍କ ବୃଦ୍ଧା-ବୃଦ୍ଧ, କିଶୋରୀ ବାଳିକା ଓ ବାଳକ ଯେଉଁମାନେ କି ସ୍କୁଲରୁ ପାଠପଢା ଅଧାରୁ ଛାଡିଥିବେ, ପ୍ରବାସରୁ ଆସିଥିବେ, ଦୈନିକ ମଜୁରୀରୁ ଚଳୁଥିବା ଲୋକମାନଙ୍କ ପ୍ରତି ଅଧିକ ଧ୍ୟାନ ଦେବେ।

# ୨. ଅପବାଦ/ଭ୍ରାନ୍ତଧାରଣା କୁ ଦୂରେଇବା ଓ ସଠିକ ସୂଚନା ବିସ୍ତୃତଭାବେ ଜଣାଇବା ନିଶ୍ଚିତ କରାଇବ

ତୁମେ ଗୋଷ୍ଠୀରେ ଥିବା ସଦସ୍ୟମାନଙ୍କୁ ଶାରିରୀକ ଦୂରତା ରକ୍ଷା କରିବା ଉପରେ ଅଭ୍ୟାସରେ ପରିଣତ ନିମନ୍ତେ ତାଲିମ ଦେଇପାରିବେ। ତୁମେ ଦେଖ, ଶାରଦା, ଗୋଟିଏ ଝିଅ ଯିଏକି ପ୍ରତିଦିନ ଧାଡିରେ ଠିଆ ହୋଇ ଗାଁର ଥିବା ପାଣିକଳରୁ ନିଜ ଘର ପାଇଁ ପାଣି ନିଏ; ସେ ତାର କଫକୁ ଛାପିରଖିବା/ଦମନ କରିବାକୁ ଆପ୍ରାଣ ଉଦ୍ୟମ କରୁଛି। ତାକୁ ସାଧାରଣ କଫ ହୋଇଛି, କିନ୍ତୁ ଭ୍ରାନ୍ତ ଧାରଣାରେ ଭୟଭୀତ ହୋଇ ସେ ଅନ୍ୟମାନଙ୍କ ଆଗରେ କାଶିବାକୁ ଭୟକରିଛି।

କ୍ରିପା, ଯେକି ଇଟାଭାଟିରେ କାମ କରେ, ତାକୁ ଥଣ୍ଡାରେ ଶର୍ଦ୍ଦୀ ର ବୃଦ୍ଧି ହେବାରୁ ତାର ଠିକାଦାର ରାଗିଛି ସେ ତାର ଗାଁ ଝାଡଖଣ୍ଡକୁ ଫେରିଆସିଛି। ସେ ଗାଁରେ ପହଞ୍ଚିବା ମାତ୍ରେ ତାକୁ ଅସ୍ଥାୟୀ ପ୍ରବାସୀ କେନ୍ଦ୍ରରେ ରହିବାକୁ କୁହାଯାଇଛି। ଯାହାକି ଗୋଟେ ଗୋଦାମ ଘରେ ଓ ଠିକ ଗାଁର ବାହାରେ ଅଛି। ଜଣେ ଏ ଏନ ଏମ ତା ସହିତ ଯୋଗାଯୋଗ ସପର୍କ କରି ତା ସମ୍ପର୍କରେ ଆସିଥିବା ବ୍ୟକ୍ତିବିଶେଷଙ୍କ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି। କ୍ରିପା ତାକୁ ହୋଇଥିବା ଥଣ୍ଡାରୁ ଭଲ ହୋଇଛି ଓ ତା ଠାରେ ଅନ୍ୟ କୌଣସି ରୋଗର ଲକ୍ଷଣ ନ ଥିଲା। କ୍ରିପାର ପରିବାରେ ଖାଦ୍ୟ ସରିଯାଉଥିବା ବେଳେ ସେମାନଙ୍କୁ ଗୋଷ୍ଠୀରୁ ବାସନ୍ଦ ହେବା ପରିସ୍ଥିତି ସାଂମୁଖୀନ ହୋଇଥିଲେ।

ଯୁବ ସ୍ୱେଚ୍ଛାସେବୀମାନେ କିପରି ସାହାଯ୍ୟ କରିପାରିବେ ?

- କୋବିଡ୍-୧୯ ସମ୍ବନ୍ଧୀୟ ବୃଦ୍ଧିପାଉଥିବା ଭୟରେ ସଚେତନା ମାଧମରେ ଦୂରେଇ ପାରିବେ
- ସଠିକ ସୂଚନାର ପ୍ରସାର/ବିସ୍ତାର ନିମନ୍ତେ ପ୍ରସାରର ମାଧମ/ବିଭିନ୍ନ ମଞ୍ଚ ମଧମରେ ନେଇପାରିବେ। କେବଳ ସତ୍ୟ ଉପରେ ଆଧାରିତ ସୂଚନା (ଭାରତ ସରକାର, ଯୁକ୍ତ ରାଷ୍ଟ୍ର) ର ପ୍ରସାର/ବିସ୍ତାରିତ କରିପାରିବେ।
- ସ୍ୱଷ୍ଟଭାବରେ ଲୋକମାନଙ୍କୁ ଜଣେଇବେ, ସେ ଯେକୌଣସି ଧର୍ମ, ଜାତି ବା ଲିଙ୍ଗର ହୋଇଥାନ୍ତି ନା କାହିଁକି
- COVID-19 କାହାକୁ ବି ଆକ୍ରାନ୍ତ କରିପାରେ। କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ-ଦଳ ସମ୍ପର୍କରେ ନକରାତ୍ମକ ବିବୃତ୍ତି/ବକ୍ତବ୍ୟ ଯାହାକି କୋବିଡ୍-୧୯ ସହିତ ଜଡିତ ଥିବ ସେସବୁର ପ୍ରସାର/ବିସ୍ତାରକୁ ବିରୋଧ କରିବେ ଓ କହିବେ।
- ସେହିପରି କୌଣସି ପଦକ୍ଷେପ/ଚେଷ୍ଟା ଯଦି ଗୋଷ୍ଠୀର ବିଭାଜନ/ଭେଦଭାବ ସୃଷ୍ଟୀ କରୁଥିବ ସେଗୁଡିକ ଅଗ୍ରାହ୍ୟ କରିବାକୁ/ବିରତ କରିବାକୁ ଚେଷ୍ଟା କରିବେ।

# ୩. ସ୍ଥାନୀୟ ଅନୁଷ୍ଠାନ ଏବଂ ସହାୟତା
# ପ୍ରଧାନ/ଆବଶ୍ୟକ ସହାୟତା ନିମନ୍ତେ ସମନ୍ୱୟ

ଗ୍ରାମର ପ୍ରଧାନ/ମୁଖ୍ୟା ଇମାର୍ତି ଦେବୀ କୋବିଡ଼-୧୯ ର ସଙ୍କଟ ସମୟରେ ଅତି ସକ୍ରିୟଭାବରେ ଉତ୍ତରଦାୟିତ୍ୱ ନିଭାଉଛନ୍ତି। ସେ ପ୍ରତ୍ୟକ ଦିନ ଦିନସାରା ଭିତରେ ବହୁସଂଖ୍ୟକ ଯନ୍ତ୍ରଣାପୂର୍ଣ୍ଣ/ସିକ୍ତ ଲୋକମାନଙ୍କ କଲ (ଡାକ/ଫୋନ) ସୂଚନା ପାଉଛନ୍ତି, ଗ୍ରାମର ଲୋକମାନଙ୍କ ଠାରୁ ଯେଉଁମାନେ କି ବିଭିନ୍ନ ପ୍ରକାରର ସାହାଯ୍ୟ ଦରକାର କରୁଛନ୍ତି। ସେ ପଞ୍ଚାୟତର ଜରୁରୀକାଳିନ ଅବଶ୍ୟକତା ର ଦାୟିତ୍ୱକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ଯୁବ ସ୍ୱେଚ୍ଛାସେବୀମାନଙ୍କୁ କାମରେ ଲଗାଇବା ବିଷୟ ଉପରେ ଚିନ୍ତା କରିଆସୁଛନ୍ତି।

ନହୀଦ ବି ଏକ ଗୃହନିର୍ମାଣ କାର୍ଯ୍ୟରେ କାମ କରୁଥିଲା, ଯାହାକି ଏହି ନାକାବନ୍ଦୀରେ କାର୍ଯ୍ୟ ବନ୍ଦ ଅଛି। ସେ ବର୍ତମାନ ତାର ବୃଦ୍ଧ ବାପା ସହିତ ଅସହାୟ ଅବସ୍ଥାରେ ଅଛି। ନହୀଦ ପ୍ରତିଦିନ ସକାଳ ଏକ ସ୍ୱେଚ୍ଛାସେବୀ ସଂଗଠନ/ବେସରକାରୀ ସଂସ୍ଥା ଦ୍ୱାରା ଆୟୋଜିତ ଦିଲ୍ଲୀର ଏକ ସ୍କୁଲ ପାଖରେ ଗରିବମାନକ ପାଇଁ ବଣ୍ଟା ଯାଉଥିବା ଖାଦ୍ୟ ପାଇଁ ଧାଡିରେ ଆସେ। ସେହି ଧାଡିଟି ବହୁତଲମ୍ବା ଓ ସାଧାରଣ ପୁରୁଷ ଲୋକମାନେ ଆଗରେ ଠିଆ ହୋଇଥାନ୍ତି। ଏମିତିକି କିଛି ଦିନ ନହୀଦ ବାଇ ଖାଦ୍ୟ ପାଖରେ ପହଞ୍ଚିବା ବେଳକୁ ଖାଦ୍ୟ ସରିଯାଇଥାଏ।

## ସ୍ୱେଚ୍ଛାସେବୀ ମାନେ କିପରି ସାହାଯ୍ୟ କରିପାରିବେ

- ପଞ୍ଚାୟତ, ପୌରପାଳିକା, ସ୍ଥାନୀୟ କଲ୍ୟାଣକାରୀ ସଂଘ, ସ୍ୱୟସହାୟକ ଗୋଷ୍ଠୀ, ଆଗଧାଡିର କର୍ମୀ ମାନଙ୍କ ସହିତ କେଉଁ ପ୍ରକାର ଉଦ୍ଧାରମୂଳକ/ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ ଓ ବୁଝିବାକୁ ହେବ ସ୍ଥାନୀୟ ବ୍ୟବସ୍ଥାରେ କିପରି ସେମାନେ ସହାୟକ ହୋଇପାରିବେ। ସେହିପରି ଖାଦ୍ୟଓ ସହାୟତା ସାମଗ୍ରୀର ବଣ୍ଟନ ବ୍ୟବସ୍ଥାକୁ ସୁଗମ କରିପାରିବେ। ସ୍ଥାନୀୟ ବ୍ୟବସ୍ଥା ମାଧମରେ ନିରୀକ୍ଷଣ କରି କିପରି ମହିଳା ଓ ଝିଅ ମାନଙ୍କର ଅବଶ୍ୟକତାକୁ ଦୃଷ୍ଟି ଦେବେ।
- ଗୁରୁତ୍ୱପୂର୍ଣ୍ଣ/ଜରୁରୀ ଟେଲିଫୋନ ନମ୍ବର, ସ୍ଥାନୀୟ ସ୍ୱାସ୍ଥ୍ୟସେବାର ଯୋଗାଯୋଗ ନମ୍ବର ସ୍ଥାନୀୟ କିରନ ଷ୍ଟୋର, ଫର୍ମସୀ/ଭେଷଜଙ୍କ ଠାରେ ରଖିବା ନିଶ୍ଚିତ କରାଇବେ।
- ଚିକିସ୍ଥାଳୟ ଓ ପରୀକ୍ଷା କେନ୍ଦ୍ରକୁ ନେବାନିମନ୍ତେ ପରିବହନରେ ସାହାଯ୍ୟ କରିବେ। ଯେଉଁ ବ୍ୟକ୍ତିମାନେ (ବୟସ୍କ, ବୃଦ୍ଧ-ବୃଦ୍ଧା, ବିକଳାଙ୍ଗ) ସିଧାସଳଖ ଭାବେ ଔଷଧ କିମ୍ବା ଅତ୍ୟାବଶ୍ୟକ ଜିନିଷ ଆଣିପାରୁନଥିବେ ସେମାନଙ୍କ ନିକଟରେ ଔଷଧ ଓ ଅତ୍ୟାବଶ୍ୟକ ଜିନିଷ  ପହଞ୍ଚାଇବେ।

# ୪. ମହିଳା ଓ ଶିଶୁମାନଙ୍କ ବିରୋଧରେ ହେଉଥିବା ହିଂସା ଏବଂ କ୍ଷତିକାରକ ବ୍ୟବହାର/ଅଭ୍ୟାସକୁ ବାଧା ଦେବା ନିବାରଣ କରିବା

•ସ୍ଥାନୀୟ ସହାୟତା ନମ୍ବର/ସହଯୋଗ ନମ୍ବର ଯାହାକି ଯେଉଁ ମହିଳାମାନେ ହିଂସାର ଶିକାର ହେଉଥିବେ ସେମାନଙ୍କ ପାଇଁ ସାହାଯ୍ୟ କରିବ ସେହି ନମ୍ବର ଗୁଡିକୁ ଔଷଧ ଦୋକାନ, ସ୍ଥାନୀୟ ତେଜରାତି ଦୋକାନ, ପଢିସାମଗ୍ରୀ ବିତରଣ ଦୋକାନ, ଦୁଗ୍ଧ ସାମଗ୍ରୀ ବୁଥ/କେନ୍ଦ୍ର, ଏପରି ସ୍ଥାନ ଯେଉଁଠାରେ ମହିଳାମାନେ ଏକାଠି ହେଉଥିବେ, ଯେପରିକି ଗାଁରେ ଥିବା ନଳକୂପ/ପାଣିକଳ ପ୍ରଭୃତି ସ୍ଥାନରେ ସମସ୍ତଙ୍କ ଅବଗତି ନିମନ୍ତେ ଲଗାଇ ପଦର୍ଶନୀ କରିପାରିବେ।

•ହିଂସା ନିବାରଣ ମୂଳକ ବାର୍ତ୍ତା ବିଭିନ୍ନ ଫୋନ/ଇଣ୍ଟେରନେଟ ଆଧାରିତ ନେଟୱର୍କ ମାଧ୍ୟମରେ ସାଂଙ୍ଗସାଥୀ, ପରିବାରର ଲୋକଙ୍କ ପାଖରେ ପହଞ୍ଚାଇପାରିବେ

•ପଞ୍ଚାୟତ ଏବଂ ପୌରପାଳିକାଙ୍କୁ ସାହାଯ୍ୟ କରିପାରିବେ; ମୋବାଇଲ୍ ନମ୍ବର ସଞ୍ଚାଳନ କରିବେ; ତାଲିମ ପ୍ରାପ୍ତ ଆଇନ/ସେବା ପ୍ରଧାନ କରୁଥିବା ବ୍ୟକ୍ତି, ଯେଉଁମାନେ କି ହିଂସାର ଶିକାର ହେଉଥିବା ମହିଳାଙ୍କୁ ବଞ୍ଚାଇବା ନିମନ୍ତେ ପୁଲିସ, ସ୍ୱାସ୍ଥ୍ୟକର୍ମୀ (ANM), ଆଶାକର୍ମୀ ସାହାଯ୍ୟ ନେବେ।

•ପଞ୍ଚାୟତ ଏବଂ ପୌରପାଳିକା ସହିତ ମତଉପସ୍ଥାନ କରିପାରିବେ; ଯେଉଁ ବାର୍ତ୍ତା COVID-19 କୁ ନିବାରଣ କରିବାକୁ ପ୍ରଧାନ କରାଯାଇଥିବା; ସେଥିରେ ଉପରୋକ୍ତ ହିଂସାକୁ ନିବାରଣ ନିମନ୍ତେ ଥିବା ବାର୍ତ୍ତାକୁ ଯୋଡି ପାରିବା ଯାହାକି ନିୟମିତ ଭାବେ covid-19ର ବାର୍ତ୍ତା ପ୍ରସାରର ଏକ ଅଂଶ ହୋଇପାରିବ ଓ ଗୋଷ୍ଠୀରେ ପ୍ରସାରିତ ହୋଇପାରିବ ଓ covid-19 କୁ ନିବାରଣ କରିପାରିବେ।

• ଆଶା ଓ ANM ମାନଙ୍କ ସହିତ ଆଲୋଚନା କରିବେ, ସେମାନେ ତାଙ୍କର ନିୟମିତ ଗୃହ ପରିଦର୍ଶନ ସମୟରେ ଏହି ହିଂସା ଆଚରଣ ବ୍ୟବହାର ସମ୍ପର୍କରେ ଆଲୋଚନା କରିବେ

•ଯଦି ଏମିତି ଘଟଣା ଜାଣିବାକୁପାଇଲେ ଯେ କୌଣସି  କୈଶୋର ବାଳିକା-ବାଳକ ମାନେ ସ୍କୁଲ ଯିବା ଛାଡିଛନ୍ତି, ଏହି ସଙ୍କଟ ପାଇଁ; ତେବେ ଅଗଧାଡି କର୍ମୀମାନଙ୍କ ସହ ଏକତ୍ରିତ ହୋଇ ଏବଂ ସ୍ୱେଚ୍ଛାସେବୀ ଗୋଷ୍ଠୀ ମଧ୍ୟ ତାଙ୍କ ପରିବାର ସହିତ ଆଲୋଚନା କରିପାରିବେ। ସ୍କୁଲ ଛାଡିବା ପରି କାର୍ଯ୍ୟକୁ ନିରୁତ୍ସାହ କରିବେ। ବୁଝିବାକୁ ଚେଷ୍ଟା କରିବେ। କେଉଁ କାରଣ ପାଇଁ ଓ ପରିବାର କଣ ଅସୁବିଧାର ସାଂମୁଖୀନ ହେବାକୁ ଯାଉଛି/ହେବ। ସ୍ଥାନୀୟ ସହାୟତା ମଧ୍ୟ

ତୁମେ ଶୁଣିଲ ପଞ୍ଚାୟତର ମୁଖ୍ୟ ଇମାର୍ତି ଦେବୀ ANM ଙ୍କ ସହିତ କଥା ହେଉଛନ୍ତି କି ମହିଳା ଓ ଝିଅମାନଙ୍କୁ ହିଂସାର ଶିକାର ହେଉଛନ୍ତି, ସେମାନଙ୍କ ପାଇଁ ଥିବା ସାହାଯ୍ୟ ଓ ସୂଚନାର ଉତ୍ସ କଣ ଅଛି ଜଣାଇବାକୁ

ଗାୟତ୍ରୀ ନାକାବନ୍ଦୀ ପରେ ତାର ଗାଁକୁ ଫେରିଆସିଛନ୍ତି ସ୍କୁଲ ବନ୍ଧ ହୋଇଥିବା ଯୋଗୁଁ। ଗାୟତ୍ରୀର ପିତାମାତା କଟକରେ ଗୃହନିର୍ମାଣ କାର୍ଯ୍ୟରେ କାମ କରୁଥିବା ବେଳେ ନିଜର ବୃତ୍ତି ହରାଇଛନ୍ତି, ତେଣୁ ତାର ପିତାମାତା ତାର ପାଠପଢା ପାଇଁ ବହୁତ ଅସୁବିଧା ହେଉଥିବା କଥା କହି ପାଠପଢା ଜାରି ରଖିବା କଥାକୁ ଅନୁମତି ନେବା କଷ୍ଟ ବୋଲି କହିଛନ୍ତି। ସେମାନେ କିପରି ଦିନ କାଟିବେ ଜାଣିପାରୁନାହାନ୍ତି। ଗାୟତ୍ରୀକୁ ବଳପୂର୍ବକ ସ୍କୁଲରୁ କାଢିନେବାକୁ ନିଷ୍ପତ୍ତି ନେଇଛନ୍ତି।

ଏହି ହିଂସାକୁ ବାଧା ବା ନିବାରଣ କରିବା ଓ ଲିଙ୍ଗଗତ ହିଂସାକୁ /କ୍ଷତିକାରକ  ବ୍ୟବହାରକୁ ଶେଷ କରିବା ନିମନ୍ତେ ସମସ୍ତଙ୍କର ଭୂମିକା ରହିଛି ଓ ସମସ୍ତେ ଏଥିରେ ଭାଗ ନେଇ କାର୍ଯ୍ୟ କରିବା ଉଚିତ୍

ରଖିବେ କି ଏହି ଆଲୋଚନା ନାକାବନ୍ଦୀ ପରେ ମଧ୍ୟ ବହୁତ ଥର କରିବାକୁ ପଡୁପରେ

# ନିଜର ଯତ୍ନ ନେବା ସହିତ ସ୍ୱେଛାସେବୀଦଳର ମଧ୍ୟ ଯତ୍ନ ନେବା

•ନିଜର ପ୍ରତିରୋଧ/ସାବଧାନତା ନିମନ୍ତେ ଅଭ୍ୟାସ ରଖିବା ସହିତ ସଠିକ ଓ ସକାରାତ୍ମକ ବାର୍ତ୍ତାର ପ୍ରସାର/ବିସ୍ତାର କରିବେ
•ସ୍ୱେଚ୍ଛାସେବୀ କ୍ଷେତ୍ରରେ ମହିଳା ଓ ଝିଅମାନଙ୍କ ଯୋଗଦାନକୁ ପ୍ରୋତ୍ସାହନ କରି ସେଥିପ୍ରତି ନିଶ୍ଚିତ କରେଇବେ
•ସ୍ୱେଚ୍ଛାସେବୀ ଦଳ/ସଦସ୍ୟଙ୍କ ଉଭୟ ପୁଅ-ଝିଅ ମାନଙ୍କର ସୁରକ୍ଷା ନିରାପତ୍ତାକୁ ସାବଧାନର ସହ ନିଶ୍ଚିତ କରାଇବେ
•ନିରାପଦ ଓ ସମ୍ମାନଜନକ ଇଣ୍ଟେରନେଟ ବ୍ୟବହାର କରିବାର ଅଭ୍ୟାସ ରଖିବେ। Anti-Virus programme ଉପରେ ଶିକ୍ଷାଲାଭ କରିବେ ଯାହାକି ସେମାନଙ୍କୁ କିପରି ଗୋପନୀୟତା ଯୋଜନାରେ ସାହାଯ୍ୟ କରି ତାକୁ ମଧ୍ୟ ଶିଖିବା ସହିତ ପ୍ରୟୋଗ କରିବେ
•ସତର୍କ ରହିବେ; ନିଜ ନିଜ ନେଟୱର୍କ ଭିତରେ ଯୌନ ସମ୍ବନ୍ଧୀୟ ଅପବ୍ୟବହାର/ନିର୍ଯାତନ ଠାରୁ ବିରତ ରହିବେ
•ସହଯୋଗୀ ନେଟୱର୍କ ଏବଂ ସ୍ଥାନୀୟ ସଂସ୍ଥା/ପଞ୍ଚାୟତରାଜ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସହ ଜଡିତ ହୋଇ ରହିବେ ଯାହାଦ୍ୱାରା ନିରନ୍ତର ସହାୟତା ଓ ପଥ ପଦର୍ଶନ ଭାବରେ କାର୍ଯ୍ୟ କରିବ
•ନିଜ ନିଜ ଭିତରେ ଦୟାଶୀଳତା ଏବଂ ସହାନୁଭୂତିର ଅଭ୍ୟାସ ରଖିବେ ଏବଂ ଗୋଷ୍ଠୀ ସହିତ ମଧ୍ୟ ଦୟାଶୀଳତା ଓ ସହାନୁଭୂତି ର ଭାବ ସହିତ ଅଲୋଚନା କରିବେ

ଯୁବସ୍ୱେଚ୍ଛାସେବୀ ସେମାନଙ୍କର ଭିତରେ ଥିବା ସମ୍ଭାବ୍ୟତା, କାର୍ଯ୍ୟକରିବାର ଉତ୍ସାହ ଓ ଇଚ୍ଛାଶକ୍ତି ନେଇ ବିଭେଦମୂଳକ/ପକ୍ଷପତିତାର ରିତିର ଆହ୍ୱାନଙ୍କୁ ଦୂରକରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ। ଯାହାକି ଲିଙ୍ଗଗତ ସମାନତାକୁ ପୋର୍ତ୍ସାହିତ କରିବ ଓ covid-19 ର ସଙ୍କଟଜନକ ପରିସ୍ଥିତିରେ ଏକ ଅଂଶଭାବେ ଲିଙ୍ଗଗତ ହିଂସାକୁ ପ୍ରତିହତ କରିବାରେ ସାମ୍ନାକୁ ଆଣିପାରିବ।